## ୪୦ ଲିଟର ମଦ ଜବତ, ୨ ମହିଳା ଗିରଫ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ଅବକାରୀ ଅଧିକ୍ଷକ ନାରାୟଣ ମେହେରଙ୍କ ନିର୍ଦ୍ଦେଶ କ୍ରମେ ପାଟଣା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ୪୦ ଲିଟର ମଦ ସହ ମଦ ତିଆରି ପାଇଁ ବ୍ୟବହୃତ ସମାଗ୍ରୀ ଜବତ ହୋଇଛି। ବେଆଇନ ମଦ ବ୍ୟବସାୟ ଅଭିଯୋଗରେ ବ୍ଲକ ଅଧୀନ ଟାଙ୍ଗରପଡ଼ାର ସୁକୁମତି ମୁଣ୍ଡା (୪୨) ଓ ଡୁମୁରିଆ ପଞ୍ଚାୟତ ଜାମୁଲେଇବେଡ଼ାର ମିନତୀ ମୁଣ୍ଡା (୫୬)ଙ୍କୁ ଗିରଫ କରିଛି। ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ବେଣୁଧର ସାମଲ, ପାଟଣା ଅବକାରୀ ଅଧିକାରୀ ଶରତଚନ୍ଦ୍ର ବାରିକ ପ୍ରମୁଖ ସାମିଲଥିଲେ।

### ସଂକ୍ଷେପରେ

## ଜିଲାପାଳଙ୍କୁ ତଦନ୍ତ ରିପୋର୍ଟ ଦେଲେ ଜିଲା ମଙ୍ଗଳ ଅଧିକାରୀ

### ମଦ ନେବା ବେଳେ ପୋଲିସ ହାତରେ ଶିକ୍ଷକ ଧରାପଡ଼ିବା ଘଟଣା

ମୋରଡ଼ା,୨।୧୨(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଦାନ୍ତିଆମୁହାଁସ୍ଥିତ ବିଦେଶୀ ମଦ ଦୋକାନରୁ ବିଭିନ୍ନ ବ୍ରାଣ୍ଡର ମଦ ଆଣି ପୋଲିସ ହାତରେ ଧରାପଡ଼ିଥିବା ଜଣେ ଶିକ୍ଷକଙ୍କୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ମୋରଡ଼ା ଏବଂ ବଡସାହି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ମିଳିତ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜିଲା ମଙ୍ଗଳ ଅଧିକାରୀ ଜିଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ତେବେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଉକ୍ତ ଶିକ୍ଷକଙ୍କ ଘର ମୋରଡ଼ା ବ୍ଲକ ଅଞ୍ଚଳରେ ହୋଇଥିବା ବେଳେ ସେ ବଡସାହି ବ୍ଲକ ଅଧୀନ ଏକ ସରକାରୀ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି।

## କୁଡୁମୀ ସମାଜର ସମାବେଶ

ଖୁଣ୍ଟା,୨।୧୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ଦଉଳାଡିହ ଗ୍ରାମରେ କୁଡ଼ମୀ ସମାଜର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନିରଞ୍ଜନ ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ କୁଡ଼ମୀ ସମାଜର ରାଜ୍ୟ ସଭାପତି ମନୋଜ ମହାନ୍ତ, ଉପଦେଷ୍ଟା କୃପାସିନ୍ଧୁ ମହାନ୍ତ, ରାଜ୍ୟ ସଂଯୋଜକ ସଞ୍ଜୀବ କୁମାର ମହାନ୍ତ, ଜିଲା ସମ୍ପାଦକ ଯଦୁପଦ ମହାନ୍ତ, ବାରିପଦା ବ୍ଲକ ସଭାପତି ସୁଶାନ୍ତ ମହାନ୍ତଙ୍କ ସମେତ ଜିଲା ସମ୍ପାଦକ କମଲଲୋଚନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୁଡୁମୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସରକାର ସମସ୍ୟା ସମାଧାନ ନ କଲେ ଆଗାମୀ ଦିନରେ କୁଡୁମୀ ସମାଜ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଅବସରରେ କୁଡୁମୀ ସମାଜର ଖୁଣ୍ଟା ବ୍ଲକସ୍ତରୀୟ କର୍ମକର୍ତ୍ତା ଚୟନ ଓ ମହିଳା ମୋର୍ଚ୍ଚା ଗଠନ ହୋଇଥିଲା।

## କୃଷି ଅର୍ଦ୍ଧ ସମ୍ପ୍ରସାରଣ କର୍ମଚାରୀଙ୍କ ତାଲିମ ଶିବିର

ଜଳେଶ୍ୱର, ୨।୧୨(ଡି.ଏନ୍.ଏ.)-ବାଲେଶ୍ୱର ଜିଲାର ଜଳେଶ୍ୱର କୃଷି ଜିଲା କାର୍ଯ୍ୟାଳୟରେ କୃଷି ଅର୍ଦ୍ଧ ସମ୍ପ୍ରସାରଣ କର୍ମଚାରୀଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ମାନସ କୁମାର ଜେନା ଉଦ୍‌ଘାଟନ କରି ସାମ୍ପ୍ରତିକ ନୂତନ ଚାଷ ପ୍ରଣାଳୀ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଯିବା ଆବଶ୍ୟକ ବୋଲି କହିଥିଲେ। ଜଳେଶ୍ୱର କୃଷି ଜିଲା ଅଧିକାରୀ ପ୍ରଦୀପ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ମାଷ୍ଟର ଟ୍ରେନର ଭାବେ ଜଳେଶ୍ୱର ଗୋଷ୍ଠୀ କୃଷି ଅଧିକାରୀ ସଞ୍ଜୟ ରାଉତ, ଭୋଗରାଇ ଗୋଷ୍ଠୀ କୃଷି ଅଧିକାରୀ କୁଶଚନ୍ଦ୍ର ନାୟକ, କମର୍ଦ୍ଦା କୃଷି ଅଧିକାରୀ ବିଶ୍ୱନାଥ ମଣ୍ଡଳ, ବାଲିଆପାଳ କୃଷି ଅଧିକାରୀ ଶ୍ରଦ୍ଧାରାଣୀ ହୋତା, କେବିକେ ବାଲିଆପାଳ କନିଷ୍ଠ ବୈଜ୍ଞାନିକ ଡା. ଗାୟତ୍ରୀ ସାହୁ ପ୍ରମୁଖ ଯୋଗଦେଇ କର୍ମଚାରୀମାନଙ୍କୁ ତାଲିମ ଦେଇଥିଲେ। ମୁଖ୍ୟଅତିଥି ଭାବେ ସଂଜିତା ସେନାପତି ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ମୋଟ ୨୯ ଗ୍ରାମ୍ୟ କୃଷି ଅଧିକାରୀ, ୧୦୯ କୃଷକ ସାଥି ଓ ୯ଜଣ ଏପିଏମ୍/ବିପିଏମ୍ ତାଲିମ ନେଇଥିଲେ।

# ସାପ ବିଷ ସଂଗ୍ରହ ର୍ୟାକେଟ୍ ସକ୍ରିୟ

### ଅଜଗର ଧରି ବୁଲିବା ଘଟଣାରେ ଟୁପ୍ ବସିଛି ବିଭାଗ

ବାରିପଦା ଅଫିସ,୨।୧୨

ମୟୂରଭଞ୍ଜ ଜିଲାରେ ବିଷାକ୍ତ ସାପ ଧରିବା ବାହାନାରେ ବିଷ ସଂଗ୍ରହ ର୍ୟାକେଟ ସକ୍ରିୟ ହୋଇପଡ଼ିଛନ୍ତି। ସାପ ଧରିବା ପରେ ବନ ବିଭାଗକୁ ନ ଜଣାଇ ବିଷ ଚୋରାଚାଲାଣ କରାଯାଉଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ କୌଣସି ସୂଚନା ନ ରହିବା ଆଶ୍ଚର୍ଯ୍ୟଚକିତ କରିଛି। ଗୁରୁବାର ଏକ ଅଜଗର ଉଦ୍ଧାର ପରେ ଏହାକୁ ସୁରକ୍ଷିତ ସ୍ଥାନରେ ଛଡ଼ା ନ ଯାଇ ଜନଗହଳିପୂର୍ଣ୍ଣ ବାରିପଦା ସହରରେ ପ୍ରଦର୍ଶନ କରାଯିବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ନିୟମ ଉଲ୍ଲଂଘନ କରିଥିବା ସାପ ଧରାଳି ପରିବାର ବିରୋଧରେ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗ ଦ୍ୱାରା ସାର୍ଟିଫିକେଟ ହାସଲ କରି ନିଜକୁ ବିଭାଗୀୟ କର୍ମଚାରୀ ବୋଲାଉଥିବା ବନ୍ୟପ୍ରାଣୀ ଉଦ୍ଧାରକାରୀ ସଦସ୍ୟମାନେ ନିୟମର ଦୁରୁପଯୋଗ କରୁଛନ୍ତି। ଫଳରେ ଶିମିଳିପାଳରେ ଥିବା ବନ୍ୟପ୍ରାଣୀ ମୃତ୍ୟୁମୁଖରେ ପଡୁଛନ୍ତି।

ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ଥିବା ଗାଁ ଗଣ୍ଡା ଓ ସହର ମଧ୍ୟରେ ବିଷାକ୍ତ ସାପ ଦେଖିବାକୁ ମିଳିଥାଏ। ନାଗ, ଚିତି, ଅହିରାଜ, ଚନ୍ଦ୍ରବୋଡ଼ା, ରଣା ଭଳି ବିଷାକ୍ତ ସାପଗୁଡ଼ିକ ଅଧିକାଂଶ ସମୟରେ ଲୋକଙ୍କ ଘର ମଧ୍ୟରେ



ଜାର୍ ଭିତରେ ଅସୁରକ୍ଷିତ ଭାବେ ରଖାଯାଇଥିବା ଚନ୍ଦ୍ରବୋଡ଼ା ।

ପ୍ରବେଶ କରିଥାନ୍ତି। ସାପକୁ ଦେଖି ଲୋକେ ଭୟଭୀତ ହେବା ସହ ସାପଧରାଳିଙ୍କ ସହାୟତା ନେଇଥାନ୍ତି। ବେସରକାରୀ ସଂସ୍ଥା ସ୍ନେକ ହେଲ୍ପଲାଇନ୍‌ର ସଦସ୍ୟ ବୋଲାଉଥିବା କେତେଜଣ ସାପଧରାଳି ବିଷଧର ସାପକୁ ଧରି ନିଜ ଘରକୁ ନେଇ ଆସନ୍ତି। ପରେ ଏହି ସାପକୁ ନିକଟସ୍ଥ ଶିମିଳିପାଳ ଅଭୟାରଣ୍ୟ ଅଞ୍ଚଳରେ ଛାଡ଼ି ଦେଇଥିବା ପ୍ରକାଶ କରନ୍ତି। ସାପକୁ ଧରିବା ପରେ ଉପଯୁକ୍ତ ପରିବେଶରେ ନ ଛାଡ଼ିଲେ ତା'ର ବଞ୍ଚିବା କଷ୍ଟକର ହୋଇପଡ଼େ ବୋଲି ଅବସରପ୍ରାପ୍ତ ଉପ ବନ ସଂରକ୍ଷକ ବଟକୃଷ୍ଣ ପାଢ଼ୀ କହିଛନ୍ତି। କେତେଜଣ ସାପ ଧରାଳି ଘରେ ପଶିଥିବା ସାପକୁ ଧରିବା ପାଇଁ ୫ଶହ ଟଙ୍କା ଲେଖାଏ ଆଦାୟ କରୁଛନ୍ତି। ସାପ ଧରିବା ପରେ ଟଙ୍କା ନେଇ ସାପକୁ ଛାଡ଼ିବା ପରିବର୍ତ୍ତେ ବିଷାକ୍ତ ସାପର ବିଷକୁ ସଂଗ୍ରହ କରୁଛନ୍ତି। ରୋଜଗାର ଲୋଭରେ ବିଲୁପ୍ତପ୍ରାୟ ସାପକୁ ଧରିବା ସମୟରେ ନିୟମାବଳୀ ପ୍ରତି ଦୃଷ୍ଟି ନ ଦେଇ ସେମାନେ ବାହାବା ନେବାକୁ ଦୁଃସାସହିକ କାର୍ଯ୍ୟ କରୁଛନ୍ତି। ବିଷଧର ସାପ ବାହାର ରାଜ୍ୟକୁ ଚାଲାଣ ହେଉଥିବା ନେଇ କିଛି ଅବସରପ୍ରାପ୍ତ କର୍ମଚାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏଭଳି ର୍ୟାକେଟକୁ ଧରି ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଜିଲାବାସୀ ଦାବି କରୁଛନ୍ତି। ବିଲୁପ୍ତପ୍ରାୟ ପ୍ରଜାତିର ବନ୍ୟପ୍ରାଣୀଙ୍କୁ ଧରିବା ପୂର୍ବରୁ ବନବିଭାଗ କର୍ମଚାରୀଙ୍କ ଉପସ୍ଥିତି ଓ ଆବଶ୍ୟକ ସରଞ୍ଜାମ ସହିତ ଉଦ୍ଧାର କରିବାର ନିୟମ ରହିଥିଲେ ମଧ୍ୟ ଏହାକୁ ଉଲ୍ଲଂଘନ କରାଯାଉଛି। ଜିଲାରେ କେତେଜଣ ସାପ ଧରାଳି ଅଛନ୍ତି ଓ କେତେ ସଂଖ୍ୟକ ସାପ ଧରି ଜଙ୍ଗଲରେ ଛାଡୁଛନ୍ତି ତାର କୌଣସି ତଥ୍ୟ ବିଭାଗ ନିକଟରେ ନାହିଁ। ଏ ସଂକ୍ରାନ୍ତରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କୁହନ୍ତି, ଜିଲାରେ ସାପ ଧରିବା ପାଇଁ କୌଣସି ସରକାରୀ କର୍ମଚାରୀ ନିୟୋଜିତ ହୋଇ ନ ଥିବା ବେଳେ ସ୍ୱୀକୃତିପ୍ରାପ୍ତ ସାପ ଧରାଳି ମଧ୍ୟ ନାହାନ୍ତି। ସରକାରୀ ବ୍ୟବସ୍ଥା ନ ଥିବାରୁ ସାପ ଧରାଳିମାନଙ୍କୁ କେବଳ ସାର୍ଟିଫିକେଟ ଖଣ୍ଡେ ଦେଇ ସନ୍ତୁଷ୍ଟ କରିବାକୁ ପଡୁଛି। ତେବେ ବିଷ ସଂଗ୍ରହ ଓ ସାପ ଚାଲାଣ ଘଟଣା ଜଣାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ସାପ ଧରି ଘରେ ରଖୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ତେବେ ବଣଜଙ୍ଗଲ ପରିବେଷ୍ଟିତ ଅଞ୍ଚଳଗୁଡ଼ିକରେ ସାପ ବାହାରୁଥିବାରୁ ଅଭିଜ୍ଞ ସାପ ଧରାଳି ନିଯୁକ୍ତି କରିବା ପାଇଁ ଜିଲାବାସୀ ଦାବି କରିଛନ୍ତି।

# ହାର୍ ମାନିନାହାନ୍ତି ପଞ୍ଚାନନ

### ଟ୍ରାଇସାଇକେଲରେ ମାଛ ବେପାର



ଜଣେ ଗ୍ରାହକ ପଞ୍ଚାନନଙ୍କଠାରୁ ମାଛ କିଣୁଛନ୍ତି।

ଭଦ୍ରକ ଅଫିସ,୨।୧୨

ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ଆଗରେ ହାର୍ ମାନିଛି ଅକ୍ଷମତା। ମନୋବଳ ଦୃଢ଼ ଥିଲେ ସବୁକିଛି ସମ୍ଭବ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ଭଦ୍ରକ ଜିଲା ବନ୍ତ ବ୍ଲକ ପୁରୁଷଣ୍ଡ ଗ୍ରାମର ଦିବ୍ୟାଙ୍ଗ ପଞ୍ଚାନନ ଜେନା(୬୩)। ଟ୍ରାଇସାଇକେଲରେ ଗାଁ ଗାଁ ବୁଲି ମାଛ ବେପାର କରି ନିଜ ପରିବାର ଚଳାଇବା ସହ ଅନ୍ୟ ପାଇଁ ସେ ଉଦାହରଣ ସାଜିଛନ୍ତି।

ପଞ୍ଚାନନ କହନ୍ତି, ଜମିବାଡ଼ି ନ ଥିବାରୁ ପିଲାବେଳୁ ସେ ପରର ମୂଲ ଲାଗିବା ସହ ପାଳିଆ ଭାବେ ବିଭିନ୍ନ ସ୍ଥାନରେ ପାଲା ପରିବେଷଣ କରି ପରିବାର ଚଳାଉଥିଲେ। ୩୦ବର୍ଷ ବୟସ ବେଳେ ବାଲେଶ୍ୱର ଜିଲା ଅଡ଼ା ନିକଟସ୍ଥ ଛବାଟିଆ ଗ୍ରାମକୁ ପାଲା କରିବାକୁ ସାଥିମାନଙ୍କ ସହ ରାତିରେ ସାଇକେଲରେ ଯାଉଥିଲେ। ବରଦା କେନାଲ ବନ୍ଧରେ ସାଇକେଲରୁ ପଡ଼ିଯିବାରୁ ଦୁଇ ଆଣ୍ଠୁ ମାଡ଼ ହୋଇଯାଇଥିଲା। ଚିକିତ୍ସା ଅଭାବରୁ ୨ବର୍ଷ ଅକର୍ମଣ୍ୟ ହୋଇ ଘରେ ବସି ରହିଲେ। ଏହା ପରଠାରୁ ସେ ଠିକ୍ ଭାବେ ଚାଲିପାରିଲେ ନାହିଁ। ବହୁ ଚେଷ୍ଟା କରି ଦିବ୍ୟାଙ୍ଗ ପ୍ରମାଣପତ୍ର ହାସଲ ପରେ ତାଙ୍କୁ ଭତ୍ତା ମିଳିବା ସହ ପ୍ରଶାସନ ପକ୍ଷରୁ ଟ୍ରାଇସାଇକେଲ ମିଳିଥିଲା। ମାତ୍ର କେବଳ ଭତ୍ତା ଟଙ୍କାରେ ପରିବାର ଚଳିବା ସମ୍ଭବ ନୁହେଁ। ଏଣୁ ସେ ହାର୍ ନ ମାନି ରୋଜଗାର ପନ୍ଥା ଖୋଜିଥିଲେ। କାହା ଉପରେ ନିର୍ଭର ନ କରି ଆଗରପଡ଼ା ବଜାରରେ ବେପାରୀଙ୍କଠାରୁ ମାଛ କିଣି ଟ୍ରାଇସାଇକେଲରେ ଆଖପାଖ ୧୦ ଖଣ୍ଡ ଗାଁ ବୁଲି ବିକିବା ଆରମ୍ଭ କରିଥିଲେ। ସପ୍ତାହର ରବିବାର, ବୁଧବାର ଓ ଶୁକ୍ରବାର ସକାଳ ୫ଟାରୁ ବେପାରୀଙ୍କଠାରୁ ମାଛ ନେଇ ବାହାରି ପଡ଼ନ୍ତି ଗାଁକୁ। ଦିନକୁ ପ୍ରାୟ ୨୦ କେଜି ମାଛ ତାଙ୍କର ବିକ୍ରି ହୋଇଥାଏ। ଆଉ ସେଥିରୁ ପ୍ରାୟ ୨୦୦ରୁ ୩୦୦ ଟଙ୍କା ଲାଭ ହୁଏ। ପରିବାର କହିଲେ ସେ ଓ ତାଙ୍କ ସ୍ତ୍ରୀ। ଏହି ବେପାରରୁ ଯାହା ରୋଜଗାର ହେଉଛି, ସେଥିରେ ତାଙ୍କର ତେଲ ଲୁଣର ସଂସାର ଚଳିଯାଉଛି। ବୟସାଧିକ ଦିବ୍ୟାଙ୍ଗ ହୋଇ ବି ଅନ୍ୟ ଉପରେ ନିର୍ଭରଶୀଳ ନ ହୋଇ ନିଜେ ରୋଜଗାର କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଆଜିର ବେକାର ଯୁବ ସମାଜ ପାଇଁ ସେ ପ୍ରେରଣାର ଉତ୍ସ ପାଲଟିଛନ୍ତି ।

# ରାଜ୍ୟପାଳଙ୍କ ଦ୍ୱାରା 'ଅଗ୍ନିଡେଣା' ଉନ୍ମୋଚିତ

ବାଲେଶ୍ୱର ଅଫିସ, ୨।୧୨

ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କାଲାମଙ୍କ ସ୍ମୃତିକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ବାଲେଶ୍ୱର ଯୁବ ଶିକ୍ଷାବିତ୍ ଡ. ପଙ୍କଜ କୁମାର ଜେନା ବିଜ୍ଞାନ ପତ୍ରିକା 'ଅଗ୍ନିଡେଣା' ନିରନ୍ତର ଭାବେ ପ୍ରକାଶ କରିଆସୁଛନ୍ତି। ଏହାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହା ଏକ ସାହିତ୍ୟଭିତ୍ତିକ ବିଜ୍ଞାନ ପତ୍ରିକା। ଏଥିରେ ଗୀତା, ରାମାୟଣ, ମହାଭାରତରୁ କେମିତି ବିଜ୍ଞାନ ଆବିଷ୍କାର ହୋଇଛି ତାହାକୁ ପ୍ରାଧାନ୍ୟ ଦିଆଯାଇଛି। ଡ. ଜେନାଙ୍କର ଏତାଦୃଶ କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିବା ସହ ଆଗାମୀ ଦିନରେ ଏହା ଜାତୀୟ ସ୍ତରକୁ ଯାଉ ବୋଲି ରାଜ୍ୟପାଳ କାମନା କରିଥିଲେ। କାର୍ଯ୍ୟକ୍ରମରେ ଉପେନ୍ଦ୍ର ପାତ୍ର ଓ ଡ. ସଂଗ୍ରାମ କୁମାର ରାଉତ ଉପସ୍ଥିତ ଥିଲେ।




ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା 'ଅଗ୍ନିଡେଣା' ଉନ୍ମୋଚନ କରାଯାଉଛି।

## ଟ୍ରକ୍ ମାଲିକଙ୍କ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆକ୍ୱାଗାର୍ଡ ପ୍ରଦାନ

ଯୋଡ଼ା,୨।୧୨(ଡି.ଏନ.ଏ): କେନ୍ଦୁଝର ଜିଲା ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଯୋଡ଼ା ବ୍ଲକ୍ ବାସୁଦେବପୁରଠାରେ ଥିବା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଆକ୍ୱାଗାର୍ଡ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୁଦ୍ଧ ପାନୀୟ ଜଳ ମିଳୁ ନ ଥିବା ନେଇ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଅଭିଯୋଗ କରି ଆସୁଥିଲେ। ଆକ୍ୱାଗାର୍ଡ ସ୍ଥାପିତ ପରେ ବହୁତ ସହାୟକ ହେବ ବୋଲି ମତପ୍ରକାଶ ପାଇଛି। ଟ୍ରକ ମାଲିକ ସଂଘର ଉପସଭାପତି ଅର୍ଜୁନ ମୁଣ୍ଡା, ଗୋବିନ୍ଦଚନ୍ଦ୍ର ଖିଲାର, ରଣଜିତ ବେହେରା, ବ୍ଲକ୍ ବିଜେଡି ଛାତ୍ର ସଭାପତି ଯୁଧିଷ୍ଠିର ପଲେଇ, ସମିତିସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡଃ ଲକ୍ଷ୍ମୀକାନ୍ତ ସିଂହ, ଏଡିପିଏଚଓ ଡ. ପ୍ରଣତୀ ନାଏକ, ଡ. ସନ୍ତୋଷ ସାହୁ, ଏସଏ ପନଗାଭୂଷଣ ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଚମ୍ପୁଆ ଉପ ଡାକଘରେ ନେଟ୍‌ୱର୍କ ଅଚଳ

### ଅନ୍‌ଲାଇନ୍ ସେବା ବାଧାପ୍ରାପ୍ତ

ଚମ୍ପୁଆ,୨।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ଉପ ଡାକଘରେ ୧୦ ଦିନରୁ ଉର୍ଦ୍ଧ୍ୱ ହେବ ନେଟ୍‌ୱର୍କ ଅଚଳ ହୋଇପଡ଼ିଛି। ଡାକଘରେ ହେଉଥିବା ଅନ୍‌ଲାଇନ୍ ସେବା ବାଧାପ୍ରାପ୍ତ ହେଉଛି। ଲୋକେ ଘଣ୍ଟାଧିକ ସମୟ ଅପେକ୍ଷା କରି ନିରାଶ ହୋଇ ଫେରୁଛନ୍ତି। ଏ ନେଇ ଉପ ଡାକଘର ପକ୍ଷରୁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସଜଡ଼ା ନ ଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଖବର ଅନୁସାରେ ଚମ୍ପୁଆ ଡାକଘରେ ଗ୍ରାହକଙ୍କୁ ତୁରନ୍ତ ସେବା ଯୋଗାଣ ନିମନ୍ତେ ବିଏସ୍‌ଏନ୍‌ଏଲ ଓ ଏୟାରଟେଲ୍ ନେଟ୍‌ୱର୍କ ବ୍ୟବହାର କରାଯାଉଛି। ନଭେମ୍ବର ୧୮ରୁ ଉଭୟ ନେଟ୍‌ୱର୍କ ଅଚଳ ହୋଇପଡ଼ିଛି। ଗତ ୨୪ରେ ଏୟାରଟେଲ୍ ନେଟୱର୍କ ସଜଡ଼ା ଯାଇଥିବା ବେଳେ ୨ ଦିନ ହେବ ପୁଣି କାମ କରୁନାହିଁ। ଫଳରେ ଆଧାରକାର୍ଡ, ମନି ଟ୍ରାନ୍ସଫର, ପାର୍ସଲ, ଟ୍ୟାକ୍ସ ଡିପୋଜିଟ୍ ଆଦି କାର୍ଯ୍ୟ ହୋଇପାରୁନାହିଁ। ଡାକଘରେ ଦୈନିକ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାହକ ସେବା ପାଇଁ ଆସୁଛନ୍ତି। ଏପରିକି ଏହି ଡାକଘର ଅଧୀନରେ ୧୦ ଗୋଟି ଶାଖା ରହିଥିବା ବେଳେ ପଡ଼ୋଶୀ ଝାଡ଼ଖଣ୍ଡ ଓ ମୟୂରଭଞ୍ଜ ଜିଲାର ଗ୍ରାହକମାନେ ମଧ୍ୟ ନିର୍ଭର କରୁଛନ୍ତି। ନେଟ୍‌ୱର୍କ ଅସୁବିଧା କାରଣରୁ ଗ୍ରାହକମାନେ ଅପେକ୍ଷା କରି ଫେରିବାକୁ ପଡୁଛି। ଏ ନେଇ ପୋଷ୍ଟମାଷ୍ଟର ଘାସିରାମ ସେଠୀଙ୍କୁ ପଚାରିବାରୁ କହିଛନ୍ତି, ନେଟ୍‌ୱର୍କ ସମସ୍ୟାରୁ ଆମ୍ଭେ ଗ୍ରାହକଙ୍କୁ ସେବା ଯୋଗାଇବାରେ ବିଫଳ ହେଉଛୁ। ଏ ନେଇ ଉପରସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ସମସ୍ୟା ସମାଧାନ ହୋଇନାହିଁ। ଆଶା କରୁଛୁ ଦିନେ ଦୁଇ ଦିନ ଭିତରେ ନେଟ୍‌ୱର୍କ କାର୍ଯ୍ୟକ୍ଷେମ ହୋଇଯିବ ବୋଲି ସେ କହିଥିଲେ।

# ଲୋକାୟୁକ୍ତରେ ଜବାବ ରଖିଲେ ସରକାରୀ କର୍ମଚାରୀ, ଜନପ୍ରତିନିଧି

### ମୋ ପୋଖରୀ ଯୋଜନାରେ ହେରଫେର ମାମଲା

ହାଟଡ଼ିହୀ,୨।୧୨(ଡି.ଏନ୍.ଏ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଓ ବ୍ଲକ୍ ଅଧୀନ ୩୧ ପଞ୍ଚାୟତର ୭୦ରୁ ଉର୍ଦ୍ଧ୍ୱ ସରକାରୀ କର୍ମଚାରୀ, ଲୋକ ପ୍ରତିନିଧି ଶୁକ୍ରବାର ଓଡ଼ିଶା ଲୋକାୟୁକ୍ତଙ୍କ ନିକଟରେ ହାଜର ହୋଇଛନ୍ତି। ମୋ ପୋଖରୀ ଯୋଜନାରେ ହେରଫେର ଅଭିଯୋଗରେ ନୋଟିସ୍ ପରେ ୫ କର୍ମଚାରୀ ବ୍ୟକ୍ତିଗତ ଭାବେ ହାଜର ହୋଇ ଲିଖିତ ଜବାବ ପ୍ରଦାନ କରିଛନ୍ତି। ଅନ୍ୟମାନେ ଓକିଲ ପି.କେ. ଶତପଥୀଙ୍କ ଜରିଆରେ ହାଜର ହୋଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଶାଳନିଆ ପଞ୍ଚାୟତରେ ଜଣେ ବ୍ୟକ୍ତି ମୋ ପୋଖରୀ ଯୋଜନାରେ ଆବଶ୍ୟକ ଅନୁସାରେ କାର୍ଯ୍ୟ ନ କରି ବିଲ୍ ଉଠାଣ କରିଥିଲେ। ଏନେଇ ଗଣମାଧ୍ୟମରେ ପ୍ରକାଶ ପରେ ଲୋକାୟୁକ୍ତ ନିଜ ଆଡୁ ମାମଲା ରୁଜୁ କରିଥିଲେ। ଜିଲା ପ୍ରଶାସନ ମଧ୍ୟ ତଦନ୍ତ କରି ଜେଇ ସୁଧାକର ପଣ୍ଡାଙ୍କୁ ନିଲମ୍ବିତ କରିଥିଲା। ଏଥିସହ ସମ୍ପୃକ୍ତ ହିତାଧିକାରୀଙ୍କଠାରୁ ପ୍ରାୟ ୩୦ ହଜାର ଟଙ୍କା ବ୍ଲକ୍ ତରଫରୁ ଆଦାୟ ମଧ୍ୟ କରାଯାଇଥିଲା। ପରେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ୨୦୧୫-୧୬ ରୁ ୨୦୨୦-୨୦୨୧ ଆର୍ଥିକ ବର୍ଷର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଖର୍ଚ୍ଚ ହୋଇଥିବା ଅନୁଦାନର ଅଡିଟ୍ ହୋଇଥିଲା। ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରିକଭରି ପାଇଁ ରିପୋର୍ଟରେ ଦର୍ଶାଯାଇଥିଲା। ଏହାକୁ ଆଧାର କରି ଲୋକାୟୁକ୍ତ ନୋଟିସ୍ ଜାରି କରି ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ ଶଡ଼ା ପଞ୍ଚାୟତରେ ୨୦୧୨ ରୁ ୨୦୧୭ ପର୍ଯ୍ୟନ୍ତ ସରପଞ୍ଚ ଥିବା କୁଞ୍ଜଲତା ଖଟୁଆଙ୍କ ୨୦୨୧ରେ ମୃତ୍ୟୁ ହୋଇଥିବା ବେଳେ ଲୋକାୟୁକ୍ତ ତାଙ୍କୁ ମଧ୍ୟ ନୋଟିସ୍ କରିଛନ୍ତି। ନୋଟିସ ନଂ. ୮୪୧୬/୯ ନଭେମ୍ବର ୨୦୨୨ ରହିଛି ।

ପ୍ରକାଶ ଯୋଗ୍ୟ, ଉକ୍ତ ପ୍ରସଙ୍ଗ ଦୈନିକ ଖବରକାଗଜ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟରେ ପ୍ରକାଶ ପାଇଥିଲା। ଓଡ଼ିଶା ପୋଷ୍ଟ ରିପୋର୍ଟକୁ ଆଧାର କରି ଲୋକାୟୁକ୍ତ ନିଜ ଆଡୁ ଏକ ମାମଲା ନଂ. ଏଲୱାଇ ୬୦୩/ ୨୦୨୦ ରୁଜୁ କରିଥିଲେ। କିନ୍ତୁ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ନିଜର ଶ୍ରେୟ ନେବା ପାଇଁ ନିଜ ନାମକୁ ପ୍ରଚାର ପ୍ରସାର କରୁଥିବା ଜଣାପଡ଼ିଛି।

# ଉର୍ସ ଉତ୍ସବରେ ଅସମ୍ଭାଳ ଭିଡ଼

ଧାମନଗର, ୨।୧୨ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଏନ୍‌ଏସିରେ ଖାନ୍‌କା ସରିଫଠାରେ ଦୁଇଦିନ ଧରି ଚାଲିଥିବା ପୀରବାବାଙ୍କ ଉର୍ସ ଉତ୍ସବ ଶେଷ ହୋଇଛି। ୨ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଉତ୍ସବର ମୁଖ୍ୟ ଆକର୍ଷଣ ଚାଦର ଶୋଭାଯାତ୍ରା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆରମ୍ଭ ହୋଇଥିଲା। ଗୁରୁବାର ଭୋର ୪ଟାରେ ପୀରବାବାଙ୍କ ଗୁସଲ ସରିଫ ବା ପବିତ୍ର ସ୍ନାନ କାର୍ଯ୍ୟ ଉର୍ସ କମିଟି ସଭାପତି ମୌଲନା ସୟଦ ଗୁଲାମ ମହମ୍ମଦ ହବିବିଙ୍କ ଦ୍ୱାରା ସମାହିତ ହେବା ପରେ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଦର ପୋସି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ପୀରବାବାଙ୍କ ଦର୍ଶନ ପାଇଁ ମଜାର ଖୋଲା ରହିଥିଲା। ଅପରାହ୍ନ ୪ଟାରୁ ୫ଟା ୧୫ ପର୍ଯ୍ୟନ୍ତ ଖାନକା ସରିଫ ପରିସରରେ ସମୂହ ପ୍ରାର୍ଥନା କରାଯାଇଥିଲା। ସାଜାଦା ନସିନ ଧର୍ମୀୟ ବାଣୀ ପ୍ରଦାନ କରିଥିଲେ। ରାତି ୮ଟାରୁ ଭାରତର କୋଣାନୁକୋଣରୁ ଆସିଥିବା ମୌଲାନାମାନଙ୍କ ଦ୍ୱାରା ଧର୍ମୀୟ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଶୁକ୍ରବାର ଭୋର ୪ଟା ୩୦ ପର୍ଯ୍ୟନ୍ତ ଚାଲୁ ରହିଥିଲା। କୋଭିଡ୍ କଟକଣା ଯୋଗୁ ଦୁଇବର୍ଷ ହେଲା ଉତ୍ସବ ବନ୍ଦ ରହିଥିବାରୁ ଚଳିତବର୍ଷ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି। ଗାଡ଼ି ପାର୍କିଂକୁ ନେଇ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା।

ପୀରବାବାଙ୍କ ଟ୍ରଷ୍ଟ ତରଫରୁ ତୀର୍ଥଯାତ୍ରୀଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଥିଲା। ଖାନ୍‌କା ପରିସର ଓ ବାହାରେ ରାଜ୍ୟ ବାହାରର ବହୁ ବ୍ୟବସାୟୀ ନିଜ ଅଞ୍ଚଳର ବ୍ୟବସାୟିକ ପସରା ମେଲାଇଥିଲେ। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ଚରଣ ସିଂ ମୀନା ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମେତ ବହୁ ନେତୃବୃନ୍ଦ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପୀରବାବାଙ୍କ ଦର୍ଶନ କରିଥିଲେ। ତେବେ ଶାନ୍ତିଶୃଙ୍ଖଳାର ସହ ଉତ୍ସବ ଶେଷ ହୋଇଥିବାରୁ ଉର୍ସ କମିଟି ସମ୍ପାଦକ ମହମ୍ମଦ ଇସରାଇଲ ହବିବି ଜିଲା ପ୍ରଶାସନ, ପୋଲିସ ଓ ସ୍ଥାନୀୟ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।



ଧାମନଗର ଖାନ୍‌କା ପରିସରରେ ଶ୍ରଦ୍ଧାଳୁମାନେ।

# ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ଉପକରଣ ବାଣ୍ଟିଲେ କେନ୍ଦ୍ରମନ୍ତ୍ରୀ

### ସାମାଜିକ ଅଧିକାରିତା ଶିବିର

ବାଲେଶ୍ୱର ଅଫିସ,୨।୧୨

ବାଲେଶ୍ୱର ସହରର ଗାନ୍ଧୀ ସ୍ମୃତି ଭବନରେ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଅଧୀନ ଦିବ୍ୟାଙ୍ଗ ଜନ ସଶକ୍ତିକରଣ ବିଭାଗ ପକ୍ଷରୁ ସାମାଜିକ ଅଧିକାରିତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ସରକାରଙ୍କ ଦିବ୍ୟାଙ୍ଗଜନଙ୍କୁ କୃତ୍ରିମ ଅଙ୍ଗ ଓ ଉପକରଣ କ୍ରୟ ତଥା ବ୍ୟବହାର ସହାୟତା (ଏଡ଼ିଆଇପି) ଯୋଜନାରେ ଜିଲାର ସଦର ଓ ବସ୍ତା ବ୍ଲକର ଦିବ୍ୟାଙ୍ଗମାନଙ୍କୁ ହ୍ୱିଲ ଚେୟାର, ତିନିଚକିଆ ସାଇକେଲ ଓ ଶ୍ରବଣଯନ୍ତ୍ର ବଣ୍ଟନ କରାଯାଇଥିଲା। ଜିଲାର ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ତଥା ସହାୟତା ଉପକରଣ ପାଇଁ ବିଭାଗ ପକ୍ଷରୁ ମୋଟ ୧କୋଟି ୮୧ଲକ୍ଷ ୧୦ ହଜାର ଟଙ୍କା ମଞ୍ଜୁର ହୋଇଛି। ଶିବିରରେ ସଦର ବ୍ଲକର ୯୪, ବସ୍ତାର ୧୨୫ ଦିବ୍ୟାଙ୍ଗଙ୍କୁ




ସାମାଜିକ ଅଧିକାରିତା ଶିବିରରେ ମଞ୍ଚାସୀନ କେନ୍ଦ୍ରମନ୍ତ୍ରୀ ଏ. ନାରାୟଣ ସ୍ୱାମୀ, ଏମ୍‌ପି ପ୍ରତାପ ଷଡଙ୍ଗୀ ଓ ଅନ୍ୟ ଅତିଥିମାନେ।

ସହାୟତା ଉପକରଣ ଏବଂ କୃତ୍ରିମ ଅଙ୍ଗ ପ୍ରଦାନ କରାଯିବ। ଜିଲାର ସମସ୍ତ ବ୍ଲକରେ ଦିବ୍ୟାଙ୍ଗଙ୍କୁ ମଧ୍ୟ ପର୍ଯ୍ୟାୟକ୍ରମେ ଆୟୋଜିତ ଶିବିରରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅଧ୍ୟକ୍ଷତା କରି ସମସ୍ତଙ୍କର ବଞ୍ଚିବାର ଅଧିକାରକୁ ସାବ୍ୟସ୍ତ କରିବା ସହ ଭିନ୍ନକ୍ଷମଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ ମୋଦି ସରକାରଙ୍କ ନିଷ୍ପତ୍ତି ପ୍ରେରଣାଯୋଗ୍ୟ ବୋଲି ପ୍ରକାଶ କରିଥିଲେ। କେନ୍ଦ୍ର ସାମାଜିକ ନ୍ୟାୟ ଓ ଭିନ୍ନକ୍ଷମ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ଏ. ନାରାୟଣ ସ୍ୱାମୀ ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ସହାୟତା ଉପକରଣ ପ୍ରଦାନ ଶୁଭାରମ୍ଭ କରିଥିଲେ। ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ କୃତ୍ରିମ ଅଙ୍ଗ ଉତ୍ପାଦନ ନିଗମ (ଆଲିମକୋ) ମାଧ୍ୟମରେ ଦେଶର ଦିବ୍ୟାଙ୍ଗମାନଙ୍କୁ ଏଡ଼ିଆଇପି ଯୋଜନାରେ ସାମିଲ ସହ ନିଃଶୁଳ୍କ ଉପକରଣ ପ୍ରଦାନ କରାଯାଉଛି। ଭାରତ-ପାକ୍ ଯୁଦ୍ଧ ପରେ ୧୯୭୨ ମସିହାରେ ଆଲିମକୋ ପ୍ରତିଷ୍ଠା ହୋଇଥିଲେ ବି ୨୦୧୫ ମସିହା ପର୍ଯ୍ୟନ୍ତ ସାଧାରଣ ଲୋକେ ସେଥିରୁ କୌଣସି ଲାଭ ପାଇ ପାରୁ ନ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ କ୍ରମେ 'ଆଲିମକୋ' ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ବିଶେଷ ଗୁରୁତ୍ୱ ଦେଉଛି। କେବଳ ବାଲେଶ୍ୱରରେ ନୁହେଁ ବରଂ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳର ଦିବ୍ୟାଙ୍ଗଙ୍କୁ ପର୍ଯ୍ୟାୟକ୍ରମେ ନିଃଶୁଳ୍କ କୃତ୍ରିମ ଅଙ୍ଗ ଓ ସହାୟତା ଉପକରଣ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ। ବାଲେଶ୍ୱର ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ, ଆଲିମକୋର ବରିଷ୍ଠ ମହାପ୍ରବନ୍ଧକ ରାଜେଶ ଦାସ, ଅଜୟ ଚୌଧୁରୀ, ପଙ୍କଜ ଦ୍ୱିବେଦୀ ପ୍ରମୁଖ ମଞ୍ଚାସୀନ ହୋଇ କେନ୍ଦ୍ର ସରକାରଙ୍କ ଦିବ୍ୟାଙ୍ଗ ସଶକ୍ତୀକରଣ ଯୋଜନା ଓ ନିଗମର କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ।

## ପୋଲ ତଳକୁ ଖସି ଯୁବକଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,(ଡି.ଏନ.ଏ.)- ପୋଲ ଉପରେ ବସିଥିବା ବେଳେ ହଠାତ୍ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଜମୁନା ଗ୍ରାମର ଶ୍ରୀଧର ବାରିକ। ଶୁକ୍ରବାର ଅପରାହ୍ଣରେ ଶ୍ରୀଧର ଗ୍ରାମଠାରୁ କିଛି ଦୂର ବଗାଳସାହି ପୋଲ ଉପରେ ବସିଥିବା ବେଳେ କୌଣସି କାରଣରୁ ତଳକୁ ଖସି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଡୁକୁରା ଡାକ୍ତରଖାନାକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଡୁକୁରା ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମହାକୁଡ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ଦୁଇ ଛାତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଇଲେ ଜିଲାପାଳ



ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସରଗି ଫୁଲ-୨୦୨୨'ରେ ମଞ୍ଚାସୀନ ଅତିଥିଗଣ।

ନୀଳଗିରି, ୨।୧୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକର ବଣଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସର୍‌ଗି ଫୁଲ-୨୦୨୨' ଅନୁସୂଚିତ ଜାତି ଜନଜାତି ପଛୁଆବର୍ଗ ଓ ସଂଖ୍ୟାଲଘୁ ଉନ୍ନୟନ ବିଭାଗ, ବାଲେଶ୍ୱର ଓଡ଼ିଶା ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଜିଲା ମଙ୍ଗଳ ଅଧିକାରୀ ବିଶ୍ୱଦର୍ଶୀ ସାହୁ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇଥିଲେ ମଧ ଦୁଇ ଛାତ୍ରୀଙ୍କୁ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଇ ଉଦ୍‌ଘାଟନ କରାଇଥିଲେ। ଜିଲାପାଳଙ୍କ ଏଭଳି କାର୍ଯ୍ୟକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତିର ବିଭାଗର ଜିଲା ଶିକ୍ଷା ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ପାଳ, ବଣଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ ବକ୍ତବ୍ୟ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ବିଶ୍ୱଦର୍ଶୀ ସାହୁ ମଞ୍ଚରେ ସଭାପତିତ୍ୱ କରିଥିଲେ। ତେଲିପାଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ସରୋଜ ବେହେରା, ଶ୍ରୀପତି ହାଇସ୍କୁଲ ପ୍ରଧାନଶିକ୍ଷକ ବରୋଜ ପ୍ରସାଦ ନାୟକ, ତେଣ୍ଡା କନ୍ୟାଶ୍ରମର ବିଜ୍ଞାନ ଶିକ୍ଷକ ବେଣୁଧର ମହାରଣା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲାର ଟିଆର୍‌ଡବ୍ଲ୍ୟୁ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ପ୍ରତିଯୋଗୀଙ୍କ ନାମ ପଞ୍ଜିକରଣ କରି ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ ଓ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ଜିଲାପାଳ ପୁରସ୍କାର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମନଛୁଆଁ ହୋଇଥିଲା। କାର୍ଯ୍ୟକ୍ରମକୁ ଜିଲା ଶିକ୍ଷକ ସଂଘର ରତିକାନ୍ତ ପାତ୍ର, ସମ୍ପାଦକ ରାଜୀବ ଲୋଚନ ପାତ୍ର, ଏକଲବ୍ୟ ବିଦ୍ୟାଳୟ ଅଧକ୍ଷ ଦାୟିତ୍ୱରେ ଥିବା ଶିକ୍ଷକ ଆଦିକନ୍ଦ ସ୍ୱାଇଁଙ୍କ ସମେତ ସମସ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# 'ଲୁକ୍କାୟିତ ପ୍ରତିଭା ଉନ୍ମୋଚନ କରେ ସରଗି ଫୁଲ'

ଆରମ୍ଭ ହେଲା ଜିଲାସ୍ତରୀୟ 'ସରଗି ଫୁଲ'

କେନ୍ଦୁଝର,୨।୧୨ (ସ୍ୱ.ପ୍ର./ଡି.ଏନ୍.ଏ)

କେନ୍ଦୁଝର ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ବିଦ୍ୟାଳୟ ସମୂହ ପକ୍ଷରୁ ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇଦିନିଆ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍‌ଗିଫୁଲ, ବିଜ୍ଞାନମେଳା ଓ ଭଲିବଲ ପ୍ରତିଯୋଗିତା -୨୦୨୨ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟରେ ପିଲାମାନଙ୍କ ଦ୍ୱାରା ପ୍ରଦର୍ଶୀତ ପ୍ରକଳ୍ପ ପ୍ରତିଭାକୁ ଉନ୍ମୋଚନ କରୁଛି ବୋଲି କହିଥିଲେ। ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ ଦାଶଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରଶାସକ ତପନ ନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିମ୍ବାଧର ବେହେରା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଜିଲା ଶିକ୍ଷା ନିରୀକ୍ଷକ ସଞ୍ଜୟ ଧଳ ଯୋଗଦେଇଥିଲେ। ଶେଷରେ ନରଣପୁର ହାଇସ୍କୁଲର ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷୟିତ୍ରୀ ଅପରାମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇଦିନିଆ କାର୍ଯ୍ୟକ୍ରମରେ ତର୍କ, ସୃଜନାତ୍ମକ ଲେଖା, ସଙ୍ଗୀତ, ଗଣିତ, ବିଜ୍ଞାନ, କୁଇଜ୍, ଏକକ ଅଭିନୟ, ଗ୍ରୁପ ଡ୍ୟାନ୍ସ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଉଚ୍ଚ ବିଦ୍ୟାଳୟସ୍ତରରେ ଭଲିବଲ ପ୍ରତିଯୋଗିତା ହୋଇଥିଲା। ଏଥିରେ ବାଳକ ବିଭାଗରେ ୧୨ ଏବଂ ବାଳିକା ବିଭାଗରେ ୧୦ ଦଳ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ କାଦକଳା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ଆଇଚ, ଶୁଆକାଟି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକାଶ ଶତପଥି, ଭଗାମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ମିଶ୍ର, ଭଗାମୁଣ୍ଡା ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ସରୋଜ ନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ହୁଣ୍ଡିବାକ୍ସରୁ ଚୋରି

**ନୀଳଗିରି,୨।୧୨(ସ୍ୱ.ପ୍ର.):** ଉତ୍ତରଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ନୀଳଗିରି ନିକଟସ୍ଥ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ପୀଠରେ ଗୁରୁବାର ମଧ୍ୟରାତ୍ରିରେ ହୁଣ୍ଡିବାକ୍ସ ଏବଂ ପଞ୍ଚଲଡୁ ଭୋଗ ଦୋକାନରୁ ତାଲା ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି। ହୁଣ୍ଡିରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଅନୁମାନ କରାଯାଉଛି। ପଞ୍ଚଲିଙ୍ଗେଶ୍ୱର ମହାଦେବଙ୍କ ଫାଟକ ପ୍ରତ୍ୟେକ ଦିନ ସକାଳ ୭ଟାରେ ଖୋଲିବା ପରେ ସନ୍ଧ୍ୟା ୫ଟାରେ ବନ୍ଦ ହୋଇଯାଏ। ଟ୍ରଷ୍ଟି ମ୍ୟାନେଜରଙ୍କୁ ତାଲା ଚାବି ଦେଇ ଘରକୁ ଚାଲିଯାଆନ୍ତି। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଗୁରୁବାର ବିଳମ୍ବିତ ରାତିରେ ମହାଦେବଙ୍କ ମନ୍ଦିରକୁ ପ୍ରବେଶ କରି ପୀଠରେ ଥିବା ହୁଣ୍ଡିଦାନ ବାକ୍ସ ଏବଂ ଟ୍ରଷ୍ଟ ଭୋଗ ଦୋକାନରୁ ତାଲା ଭାଙ୍ଗି ଦାନ ଟଙ୍କା ସହିତ ଦୋକାନରେ ଥିବା ଟଙ୍କା ନେଇଯାଇଛନ୍ତି। ଶୁକ୍ରବାର ସକାଳେ ପଞ୍ଚଲିଙ୍ଗେଶ୍ୱର ଫାଟକ ଖୋଲିବା ପରେ ଟ୍ରଷ୍ଟି ମ୍ୟାନେଜର୍ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ ମନ୍ଦିର କର୍ତ୍ତୃପକ୍ଷ ନୀଳଗିରି ପୋଲିସକୁ ଅବଗତ କରାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୀଠରେ ବ୍ୟାପକ ପୋଲିସ ମୁତୟନ ଓ ପାଟ୍ରୋଲିଂ କଡ଼ାକଡ଼ି ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

# ଷଣ୍ଢ ଜନ୍ମଦିନ ପାଳି ଭାଜପାର ପ୍ରତିବାଦ

ଚାନ୍ଦବାଲି, ୨।୧୨(ଡି.ଏନ୍.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଫିସ୍ ଭିତରେ ଜୀବିକା ମିଶନର ବିପିଏମ୍ (ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର)ଙ୍କ ଜନ୍ମଦିନ ପାଳନ ଘଟଣାକୁ ବିରୋଧ କରି ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଅଭିନବ ପ୍ରତିବାଦ କରାଯାଇଛି। ଦଳୀୟ କର୍ମକର୍ତ୍ତାମାନେ କାଳୀମନ୍ଦିର ନିକଟରୁ ଏକ ଶୋଭାଯତ୍ରାରେ ବୁଲା ଷଣ୍ଢକୁ ଆଣି ବ୍ଲକ ଅଫିସ ସମ୍ମୁଖରେ ଜନ୍ମଦିନ ପାଳନ କରି କେକ୍ କାଟିଥିଲେ। ୭ ଦିନ ଭିତରେ ବିପିଏମ୍‌ଙ୍କ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନକୁ ଜୋରଦାର କରିବ ବୋଲି ଭାଜପା ଚେତାବନୀ ଦେଇଛି। ଭାଜପା ନେତା ପୂର୍ଣ୍ଣ ପାଣି, କାହ୍ନୁ ବେହେରା, ଅଭୟ ବଳ, ଉପେନ୍ଦ୍ର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ଚାନ୍ଦବାଲି ଏସ୍‌ଡିପିଓ ଦେବୀ ଶଙ୍କର ପ୍ରତାପ ଏବଂ ବାଂଶଡ଼ା ଥାନାଧିକାରୀଙ୍କ ସହ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ବାଟ ଫିଟାଇଲା ଏନ୍‌ଏଚ୍‌ଏଆଇ

## ବାରିପଦା ସହରକୁ ପ୍ରବେଶ ପଥ ବନ୍ଦ ଘଟଣା

ବାରିପଦା ଅଫିସ,୨।୧୨- ମୟୂରଭଞ୍ଜ ଜିଲା ବାରିପଦା ସହରକୁ ସଂଯୋଗ କରୁଥିବା ୧୮ନଂ. ଜାତୀୟ ରାଜପଥ ପାଲବଣୀ ବାଇପାସ ପ୍ରବେଶ ରାସ୍ତା ବନ୍ଦକୁ ନେଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏନେଇ ଶୁକ୍ରବାର ସନ୍ଧ୍ୟାରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ରାସ୍ତାର ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ପ୍ରାକ୍ତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ୨୫ନଂ.ୱାର୍ଡ କାଉନସିଲର ଦେବାଶିଷ ପାତ୍ର, ବିଜୁ ଯୁବ ଜନତା ସଭାପତି ଅରୁଣ ବରାଡ, ଶୁଭକାନ୍ତ ବେହେରାଙ୍କ ଉପସ୍ଥିତିରେ ଉଭୟ ରାସ୍ତାରେ ଡାଇଭର୍ସନ ସହ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ଏନ୍‌ଏଚ୍‌ଏଆଇ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି।






















